# ମୋଟର ପାର୍ଟସ୍‌ରେ ଶ୍ରୀରାମଙ୍କ ପ୍ରତିକୃତି, ଗୀଟାର ନିର୍ମାଣ





## ପ୍ରତିଭା ଦେଖାଇଲେ ଆଇଟିଆଇ ଛାତ୍ର

ଢେଙ୍କାନାଳ,୨୫।୬(ରତନ ନାୟାର)

ଢେଙ୍କାନାଳ ସରକାରୀ ଆଇଟିଆଇ ଛାତ୍ରମାନେ ବେଷ୍ଟ ଫ୍ରମ୍ ୱେଷ୍ଟ ମିଶନରେ ଅଦରକାରୀ ମୋଟର ପାର୍ଟସ୍ ଓ ଲୁହା ରଡ୍‌ରେ ତିଆରି କରିଛନ୍ତି ମହାପ୍ରଭୁ ଶ୍ରୀରାମଙ୍କ ୧୨ଫୁଟ ଉଚ୍ଚତାର ପ୍ରତିକୃତି ଏବଂ ୨୫ଫୁଟ ଲମ୍ବର ଏକ ଗୀଟାର। ସେହିପରି ବାଇକ ପାର୍ଟସ୍ ଓ ମେଟାଲରେ ଶଙ୍ଖ, ଚକ୍ର, ଗଦା ଓ ପଦ୍ମଧାରୀ ଚତୁର୍ଦ୍ଧାମୂର୍ତ୍ତି ମଧ ନିର୍ମାଣ କରିଛନ୍ତି। ଏଥିସହ ଅନୁଷ୍ଠାନର ଛାତ୍ରମାନେ ଭଙ୍ଗା ଟିଭିର ଫ୍ରେମ୍ ସଂଗ୍ରହ କରି ଏକ ସେଲ୍‌ଫି ପଏଣ୍ଟ, ୪୦୦ କମ୍ପ୍ୟୁଟର କିବୋର୍ଡ ସୁଇଚ୍‌ରେ ଭାରତ ମାନଚିତ୍ର ସହ ୫୦୦ ପୁରୁଣା ଡିଭିଡି କ୍ୟାସେଟ୍‌ରେ ଏକ ମାଛ, ୱେଷ୍ଟ ମେଟାଲରେ ମହାପ୍ରଭୁଙ୍କ ନନ୍ଦିଘୋଷ ରଥ ମଧ ପ୍ରସ୍ତୁତ କରି ସମସ୍ତଙ୍କୁ ଚକିତ କରିଦେଇଛନ୍ତି। ଶ୍ରୀରାମଙ୍କ ପ୍ରତିକୃତିକୁ ୧୫ ଛାତ୍ର ପ୍ରସ୍ତୁତ କରିଥିବା ବେଳେ ଏଥିପାଇଁ ସେମାନଙ୍କୁ ୨୦ ଦିନ ସମୟ ଲାଗିଛି। ପ୍ରାୟ ୫ ହଜାର ଟଙ୍କା ମଧ ଖର୍ଚ୍ଚ ହୋଇଛି। ଅଯୋଧାରେ ୫ଶହ ବର୍ଷ ପରେ ମହାପ୍ରଭୁ ଶ୍ରୀରାମଙ୍କ ମନ୍ଦିର ପ୍ରତିଷ୍ଠା ହେବାପରେ ଏଥିରେ ଉତ୍ସାହିତ ଛାତ୍ରମାନେ ଏହି ପ୍ରତିକୃତି ନିର୍ମାଣ କରିଛନ୍ତି। ଏ ସଂକ୍ରାନ୍ତରେ ଢେଙ୍କାନାଳ ଆଇଟିଆଇ ପ୍ରିନ୍ସିପାଲ ଚନ୍ଦ୍ରଶେଖର ତ୍ରିପାଠୀ କହିଛନ୍ତି, ୱେଷ୍ଟ ମ୍ୟାଟେରିଆଲ ସଂଗ୍ରହ କରି ପିଲାମାନେ ନିଜର ଶିକ୍ଷକଙ୍କ ମାର୍ଗଦର୍ଶନରେ ଏସବୁ ନିର୍ମାଣ କରିଥିବା ବେଳେ ବର୍ତ୍ତମାନ ଏକ ବାଘ ଓ ହାତୀ ମଧ ତିଆରି କରୁଛନ୍ତି।

# ଗୁରୁତରଙ୍କୁ ଭେଟିଲେ ମନ୍ତ୍ରୀ କୃଷ୍ଣଚନ୍ଦ୍ର



ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଗୁରୁତରଙ୍କୁ ଭେଟି ସ୍ୱାସ୍ଥ୍ୟ ଅବସ୍ଥା ବୁଝୁଛନ୍ତି।

## ରୁଙ୍ଗ୍‌ଟା କାରଖାନା ଦୁର୍ଘଟଣା

ଢେଙ୍କାନାଳ,୨୫।୬(ରତନ ନାୟାର)

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ବାଲିମୀ ଥାନା ଝାଡ଼ବନ୍ଧ ଗ୍ରାମସ୍ଥିତ ରୁଙ୍ଗଟା ମାଇନ୍ସ ଲିମିଟେଡ୍ କାରଖାନାରେ ସୋମବାର ଏକ ଷ୍ଟ୍ରକଚର ଭୁଶୁଡି ଦୁଇଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା। ୨ଜଣ ଗୁରୁତର ହୋଇଥିଲେ। ଗୁରୁତର ୨ ଶ୍ରମିକଙ୍କୁ କଟକସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ବେଳେ ମଙ୍ଗଳବାର ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସେମାନଙ୍କୁ ଡାକ୍ତରଖାନାରେ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଏଥିସହ ଉଭୟଙ୍କୁ ଚିକିତ୍ସା କରୁଥିବା ଡାକ୍ତର ଓ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ସେମାନଙ୍କୁ ଉତ୍ତମ ସେବା ଯୋଗାଇ ଦେବା ପାଇଁ ପରାମର୍ଶ ଦେଇଥିଲେ। ଗୁରୁତର ଶ୍ରମିକ ନବ କୁମାର ସାମନ୍ତଙ୍କ ଅବସ୍ଥା ଭଲ ନ ଥିବାରୁ ତାଙ୍କୁ ଆଇସିୟୁରେ ରଖାଯାଇଛି। ସେହିପରି ଅନ୍ୟଜଣେ ଶ୍ରମିକ ଅମଲ ବେରାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଭଲ ଥିବା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଜଣାଇଛନ୍ତି। ଉଭୟ ଶ୍ରମିକ ପଶ୍ଚିମବଙ୍ଗ ରାଜ୍ୟର।

# ପବିତ୍ରତାର ଶକ୍ତି ଦ୍ୱାରା ସଫଳତା ମିଳିପାରିବ



ମାତେଶ୍ୱରୀଙ୍କ ସ୍ମୃତି ଦିବସରେ ଜ୍ଞାନଯୋଗ କାର୍ଯ୍ୟକ୍ରମକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

## ମାତେଶ୍ୱରୀଙ୍କ ସ୍ମୃତି ଦିବସରେ ଜ୍ଞାନଯୋଗ

ଢେଙ୍କାନାଳ ,୨୫।୬(ରତନ ନାୟାର)

ଢେଙ୍କାନାଳ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପରିସରରେ ମଙ୍ଗଳବାର ମାତେଶ୍ୱରୀଙ୍କ ସ୍ମୃତି ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଶାଖାର ମୁଖ୍ୟ ସଞ୍ଚାଳିକା ବ୍ରହ୍ମାକୁମାରୀ ଉଷା ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସେ କହିଲେ, ପ୍ରତିଜ୍ଞା ବଳରେ ପରମାତ୍ମା ପ୍ରତି ବିଶ୍ୱାସ ଓ ପବିତ୍ରତାର ଶକ୍ତିଦ୍ୱାରା ସବୁ କ୍ଷେତ୍ରରେ ସଫଳତା ମିଳିପାରିବ ବୋଲି ମାତେଶ୍ୱରୀଙ୍କ ବିଶ୍ୱାସ ଥିଲା। ବିଶେଷକରି ମାତେଶ୍ୱରୀଙ୍କ ତ୍ୟାଗ, ବ୍ୟକ୍ତିତ୍ୱ, ନିଷ୍ଠା ଓ ସାହସିକତା ସମ୍ପର୍କରେ କାର୍ଯ୍ୟକ୍ରମରେ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସିବିଆଇର ଅବସରପ୍ରାପ୍ତ ବିଚାରପତି ଭିକାରୀ ଚରଣ ରାଉତ, ବ୍ରହ୍ମାକୁମାରୀ ଉପମା, ବ୍ରହ୍ମକୁମାର ସୁବାସ ଓ ଅନ୍ୟମାନେ ଯୋଗ ଦେଇଥିଲେ। ସକାଳୁ ମଧାହ୍ନ ୧୨ଟା ପର୍ଯ୍ୟନ୍ତ ରାଜଯୋଗ ଅଭ୍ୟାସ କରାଯାଇଥିଲା।

# ରୁଙ୍ଗ୍‌ଟା କାରଖାନା ପରିସରରେ ଗୋଷ୍ଠୀ ସଂଘର୍ଷ

## ଓଡ଼ିଆ-ଅଣଓଡ଼ିଆ ଶ୍ରମିକ ହାତାହାତିରୁ ଉତ୍ତେଜନା

ଢେଙ୍କାନାଳ,୨୫।୬(ରତନ ନାୟାର)

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ବାଲିମୀ ଥାନା ଝାଡବନ୍ଧ ଗ୍ରାମସ୍ଥିତ ରୁଙ୍ଗଟା ମାଇନ୍ସ ଲିମିଟେଡ୍ କାରଖାନା ପରିସରରେ ମଙ୍ଗଳବାର ପୁଣି ଉତ୍ତେଜନା ଦେଖାଦେଇଥିଲା। ସୋମବାର ଏକ ଷ୍ଟ୍ରକଚର ଭୁଶୁଡ଼ି ପଶ୍ଚିମବଙ୍ଗର ୨ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ବେଳେ ମଙ୍ଗଳବାର ସକାଳ ପ୍ରାୟ ୮ଟାରେ କମ୍ପାନୀ ପରିସରରେ କାର୍ଯ୍ୟରତ ଓଡ଼ିଆ ଓ ଅଣଓଡ଼ିଆ ଶ୍ରମିକ ୨ ଗୋଷ୍ଠୀ ହୋଇ ହାତାହାତି ହେବା ଚର୍ଚ୍ଚାର ବିଷୟ ହୋଇଥିଲା। ଏହି ଗୋଷ୍ଠୀ ସଂଘର୍ଷ ଯୋଗୁ ଉଭୟ ପକ୍ଷର ୪ଜଣ ଆହତ ହୋଇଥିଲେ। ସେମାନଙ୍କୁ ବଅଁରପାଳସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଖବରପାଇ ବାଲିମୀ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ଦୁର୍ଘଟଣା ଘଟିଥିବା ସ୍ଥାନରେ କାମ କରିବା ଏବଂ ନ କରିବାକୁ ନେଇ ଓଡ଼ିଆ, ଅଣଓଡ଼ିଆ ଶ୍ରମିକଙ୍କ ମଧ୍ୟରେ ବିବାଦ ସୃଷ୍ଟି ହେବାରୁ ଏହି ସଂଘର୍ଷ ହୋଇଥିଲା। ପରେ ପୋଲିସ ଉପସ୍ଥିତିରେ କମ୍ପାନୀ କର୍ତ୍ତୃପକ୍ଷ ଦୁଇଗୋଷ୍ଠୀ ଶ୍ରମିକଙ୍କୁ ଏକାଠି କରି ଘଟଣାର ସମାଧାନ କରିଥିବା ସୂଚନା ମିଳିଛି। ଏ ସଂକ୍ରାନ୍ତରେ ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣି ପ୍ରଧାନ କହିଛନ୍ତି, ଘଟଣାକୁ ନେଇ କୌଣସି ମାମଲା ହୋଇନାହିଁ। ପୋଲିସ ଉପସ୍ଥିତିରେ କମ୍ପାନୀ କର୍ତ୍ତୃପକ୍ଷ ଓ ୨ ଗୋଷ୍ଠୀର ଶ୍ରମିକ ମିଶି ଆଲୋଚନା କରିବା ପରେ ସମାଧାନ ହୋଇଛି।




ଝାଡ଼ବନ୍ଧ ଗ୍ରାମସ୍ଥିତ ରୁଙ୍ଗଟା ମାଇନ୍ସ ଲିମିଟେଡ୍ କାରଖାନା।

# କମ୍ପ୍ୟୁଟର ଶିକ୍ଷା ସଚେତନତା କାର୍ଯ୍ୟକ୍ରମ

ଢେଙ୍କାନାଳ,୨୫।୬(ରତନ ନାୟାର)

ଢେଙ୍କାନାଳର ସଂସ୍ଥା ଶିକ୍ଷା ଓ ପ୍ରଶିକ୍ଷଣ ବିକାଶ ସମିତି (ଶିକ୍ଷା) ତରଫରୁ ଗାନ୍ଧୀ ମନ୍ଦିର ରୋଡ୍‌ଠାରେ ଅବସ୍ଥିତ ବାଣୀବିହାର କମ୍ପ୍ୟୁଟର କେନ୍ଦ୍ର ପରିସରରେ ଏକ କମ୍ପ୍ୟୁଟର ଶିକ୍ଷା ସଚେତନତା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଶିଷ୍ଟ ସାହିତ୍ୟିକ କବି ବାହାଦୁର ପାଟସାହାଣୀ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି କମ୍ପ୍ୟୁଟର ଶିକ୍ଷାର ମହତ୍ତ୍ୱ ବିଷୟରେ ବୁଝାଇଥିଲେ। ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଶିଶିର ଶତପଥୀ ଯୋଗଦାନ କରି କମ୍ପ୍ୟୁଟର ଶିକ୍ଷାପ୍ରାପ୍ତ ହେବା ଦ୍ୱାରା ଚାକିରି ଓ ରୋଜଗାରର ବିଭିନ୍ନ ସୁଯୋଗ ଉପରେ ଆଲୋକପାତ କରିଥିଲେ। ଶେଷରେ ଉପସ୍ଥିତ ଅତିଥିମାନେ ଛାତ୍ରୀଛାତ୍ରମାନଙ୍କୁ କମ୍ପ୍ୟୁଟର ପାଠ୍ୟ ଉପକରଣ ପ୍ରଦାନ କରିଥିଲେ। ଅନୁଷ୍ଠାନ ଅଧ୍ୟକ୍ଷ ସ୍ତମ୍ଭକାର ସୟଦ ସଫିର ଅଲି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ପ୍ରଶିକ୍ଷିକା ବିଷ୍ଣୁପ୍ରିୟା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ରାଜେନ୍ଦ୍ର ଦେବତା, ସନ୍ଦୀପ କରଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ।

# ଅନ୍ତର୍ଜାତୀୟ ନୃତ୍ୟ ଦିବସ ପାଳିତ

ଢେଙ୍କାନାଳ,୨୫।୬(ରତନ ନାୟାର)

ଢେଙ୍କାନାଳ ଗୋପବନ୍ଧୁ ଟାଉନ୍‌ହଲ୍ ଠାରେ ନୃତ୍ୟ ଅନୁଷ୍ଠାନ ନୀତା ନୃତ୍ୟାଙ୍ଗନା ପକ୍ଷରୁ ଅନ୍ତର୍ଜାତୀୟ ନୃତ୍ୟ ଦିବସ ରବିବାର ମହାସମାରୋହରେ ପାଳିତ ହୋଇଯାଇଛି। ଅନୁଷ୍ଠାନର ନିର୍ଦ୍ଦେଶକ ଶିଳ୍ପୀ ପରେଶ ଚନ୍ଦ୍ର ପଟ୍ଟନାୟକ, ସାମାଜିକ କର୍ମୀ ଶାନ୍ତନୁ କୁମାର ସାହୁ, ବରିଷ୍ଠ ଆଇନଜୀବୀ ଦୀପକ ପ୍ରସାଦ ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପିଲାମାନଙ୍କୁ ନିଜ ସୁଚିନ୍ତିତ ମତାମତାମାନ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବଲାଙ୍ଗୀରରୁ ଆସିଥିବା ୪ ବର୍ଷର ଶିଶୁ ପ୍ରତିଭା ସାଇକ୍ରୀଷ୍ଟା ସାହୁଙ୍କ ସହ ୧୦ ଜଣ ଶିଶୁ ପ୍ରତିଭାଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। ଓଡ଼ିଶୀ ନୃତ୍ୟ ଗୁରୁ ରାସ ବିହାରୀ ଦେହୁରୀଙ୍କୁ 'ଗୁରୁ ଶ୍ରେଷ୍ଠ ସମ୍ମାନ'ରେ ସମ୍ମାନିତ କରାଯିବା ସହ ନୃତ୍ୟ ଶିକ୍ଷୟିତ୍ରୀ ସୁଚିସ୍ମିତା ମାନା ଓ ସୁଦୀପ୍ତା ଶୁଭଦର୍ଶିନୀଙ୍କୁ ସମ୍ମାନିତ କରାଯାଇଥିଲା। ଅନ୍ୟୂନ ୭୦ରୁ ଊର୍ଦ୍ଧ୍ୱ ନୃତ୍ୟଶିଳ୍ପୀ ଚିତ୍ତାକର୍ଷକ ନୃତ୍ୟ ପରିବେଷଣ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଆଶିଷ କୁମାର ପାଲଙ୍କ ସହ ଅଜିତ୍ ପାଲ, ସାଗରିକା ଶତପଥୀ, ବବିତା ରାଉତ, ଧ୍ରୁବଚରଣ ଲେଙ୍କା, ସାଇ ଶୁଭମ୍ ଦାସ ପ୍ରମୁଖ ସହଯୋଗ କରିଥିଲେ। ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିବା ବେଳେ ସନ୍ଧ୍ୟାରାଣୀ କାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ।



ଆନ୍ତର୍ଜାତୀୟ ନୃତ୍ୟ ଦିବସ ପାଳିତ।

# ସ୍ୱାସ୍ଥ୍ୟସେବାରେ ସୁଧାର ଅଣାଯାଉ

## ଏକ୍ସ ଯୋଗେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି

ଢେଙ୍କାନାଳ,୨୫।୬(ରତନ ନାୟାର)

ଢେଙ୍କାନାଳ ଜିଲା ସମେତ ରାଜ୍ୟର ସମସ୍ତ ମୁଖ୍ୟ ଚିକିତ୍ସାଳୟ, ଉପଖଣ୍ଡ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟ ସେବାର ସୁଧାର ଆଣିବା ପାଇଁ ଯୁବ ସାମାଜିକ କର୍ମୀ ରାଜକିଶୋର ବେହେରା ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ନିକଟରେ ଏକ୍ସ ଯୋଗେ ଦାବି କରିଛନ୍ତି। ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର, ନର୍ସ, ପାରା ମେଡିକାଲ କର୍ମଚାରୀ ନିଯୁକ୍ତି ସହ ଭିତ୍ତିଭୂମିର ବିକାଶ ଦିଗରେ ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ନେବାକୁ ସେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ରାଜ୍ୟରେ ଗତ ୨୫ବର୍ଷ ହେବ ଜନସାଧାରଣ ସ୍ୱାସ୍ଥ୍ୟ ସେବାରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ତେଣୁ ଏଥିରେ ସୁଧାର ଆଣିବା ପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ ଏକ୍ସ ଯୋଗେ ନିବେଦନ କରିଛନ୍ତି।




ଏକ୍ସ ଯୋଗେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ କରାଯାଇଥିବା ଦାବି।

# ମୂକ ବଧିର ସଂଘର ନୂତନ କର୍ମକର୍ତ୍ତା ନିର୍ବାଚିତ

ଢେଙ୍କାନାଳ,୨୫।୬(ରତନ ନାୟାର)

ଢେଙ୍କାନାଳ ଜିଲା ମୂକ ବଧିର ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ସ୍ଥାନୀୟ ସୂଚନା ଭବନଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୪ ବର୍ଷ ପାଇଁ ଏହି କର୍ମକର୍ତ୍ତାମାନେ ନିର୍ବାଚିତ ହୋଇଛନ୍ତି। ଏଥିନିମନ୍ତେ ଅନୁଷ୍ଠିତ ସାଧାରଣ ସଭାରେ ସଂଘ ମୁଖ୍ୟ ପୃଷ୍ଠପୋଷକ ଭାବେ ଢେଙ୍କାନାଳ ଏମ୍‌ପି ରୁଦ୍ରନାରାୟଣ ପାଣି ଓ ପୃଷ୍ଠପୋଷକ ଭାବେ ଆଇନଜୀବୀ ଦୀପକ ପ୍ରସାଦ ପଟ୍ଟନାୟକଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା। ସେହିପରି ବିଦ୍ୟାର୍ଥୀ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଜ୍ଞାନେନ୍ଦ୍ର କୁମାର ସାହୁଙ୍କୁ କମିଟି ଉପାଧ୍ୟକ୍ଷ ଓ ଟାକ୍ସ ଆଡଭୋକେଟ୍ ଶକ୍ତି ସ୍ୱରୂପ ମିଶ୍ରଙ୍କୁ ଉପଦେଷ୍ଟା ଏବଂ ମନୋରଞ୍ଜନ ସାମଲଙ୍କୁ ସଂଘ ସଭାପତି ଭାବରେ ଚୟନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରାଜେନ୍ଦ୍ର ନାରାୟଣ ସାମଲ, ବସନ୍ତ କୁମାର ପଟ୍ଟନାୟକ ଓ ଜିତେନ୍ଦ୍ର କୁମାର ସାହୁଙ୍କୁ ଉପସଭାପତି, ଅକ୍ଷୟ କୁମାର ଶତପଥୀ ସାଧାରଣ ସମ୍ପାଦକ, ପ୍ରକାଶ ଚନ୍ଦ୍ର ମାଝି ଯୁଗ୍ମ ସମ୍ପାଦକ, ଭାଗ୍ୟଧର ସାହୁ କୋଷାଧ୍ୟକ୍ଷ, ବୀରେନ୍ଦ୍ର କୁମାର ସାହୁ କ୍ରୀଡ଼ା ସମ୍ପାଦକ, ଜୁଲି ସାମଲ ଯୁଗ୍ମ ସମ୍ପାଦିକା ଭାବେ ନିର୍ବାଚିତ ହୋଇଥିବାବେଳେ କାର୍ଯ୍ୟକାରୀ କମିଟିର ସଦସ୍ୟ ଭାବରେ ଢେଙ୍କାନାଳରୁ ଦୀପକ ବେହେରା, ନିରୋଦ କୁମାର ସ୍ୱାଇଁ, ସୁମିତ୍ରା ସାହୁ, ଇତିଶ୍ରୀ ସ୍ୱାଇଁ, ହିନ୍ଦୋଳର ଶୁଭ୍ରାଂଶୁ ଶେଖର ପରିଡା, କାମାକ୍ଷାନଗରରୁ ବାପି ପୁହାଣ, ଗଁଦିଆର ସୁଜିତ୍ କୁମାର ସାମଲ, ପରଜଙ୍ଗର ବନମାଳୀ ପଣ୍ଡାଙ୍କୁ ନିର୍ବାଚିତ କରାଯାଇଥିଲା। ସୋନଲ ସାମଲଙ୍କୁ ସଂକେତ ଅନୁବାଦିକା ଭାବରେ ଚୟନ କରାଯାଇଥିଲା।



ମୂକ ବଧିର ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ କାର୍ଯ୍ୟକ୍ରମରେ କର୍ମକର୍ତ୍ତାମାନେ।

# ଗୋଲକ ବିହାରୀଙ୍କ ଶ୍ରାଦ୍ଧବାର୍ଷିକୀ ସୁବର୍ଣ୍ଣ ଜୟନ୍ତୀ

ଢେଙ୍କାନାଳ,୨୫।୬(ରତନ ନାୟାର)



ଗୋଲକ ବିହାରୀ ଧଳଙ୍କ ଶ୍ରାଦ୍ଧବାର୍ଷିକୀ ସୁବର୍ଣ୍ଣ ଜୟନ୍ତୀ ପାଳନ କରାଯାଉଛି।

ବିଶିଷ୍ଟ ଧ୍ୱନିତତ୍ତ୍ୱବିତ୍ ଅନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଭାଷାବିଜ୍ଞାନୀ ଗୋଲକ ବିହାରୀ ଧଳଙ୍କ ଶ୍ରାଦ୍ଧବାର୍ଷିକୀ ସୁବର୍ଣ୍ଣ ଜୟନ୍ତୀ ଜାତୀୟସ୍ତରରେ ବର୍ଷବ୍ୟାପୀ ପାଳିତ ହେବ ବୋଲି ମଙ୍ଗଳବାର ତାଙ୍କର ଶ୍ରାଦ୍ଧ ଦିବସରେ କର୍ମକର୍ତ୍ତାମାନେ ସଙ୍କଳ୍ପ ଗ୍ରହଣ କରିଛନ୍ତି। ଗୋଲକ ବିହାରୀ ଧଳ ସ୍ମୃତି ସଂସଦ ସଭାପତି ଅପର୍ତ୍ତି ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଥମେ ଭୋଳେଶ୍ୱର ଧଳ ଉଚ୍ଚ ବିଦ୍ୟାଳୟ ପରିସରରେ ଗୋଲକ ବିହାରୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ଦୀପଦାନ କରାଯାଇଥିଲା। ସ୍ଥାନୀୟ ନୀଳକଣ୍ଠେଶ୍ୱର ମନ୍ଦିରରେ ସଂସଦର କର୍ମକର୍ତ୍ତା ବିଷ୍ଣୁପ୍ରସାଦ ଲେଙ୍କା, ପ୍ରଭାତୀ ମହାପାତ୍ର, ରେଖା ଧଳ, ଗୀତାଶ୍ରୀ ନାୟକ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଉପଲକ୍ଷେ ଏକ ସାଧାରଣ ବୈଠକରେ ଛନ୍ଦେଶ ସାହିତ୍ୟ ସଂସଦ ସଭାପତି ନୀଳମଣି ମହାରଣା, ଉପସଭାପତି ପ୍ରକାଶ ଚନ୍ଦ୍ର ଜଗଦ୍ଦେବ, ସମ୍ପାଦକ ମଧୁସୂଦନ ଶତପଥୀ, ଯୁଗ୍ମ ସମ୍ପାଦକ ଫକୀର ମୋହନ ସାହୁ, କୋଷାଧ୍ୟକ୍ଷ ବୀରବର ମିଶ୍ର, ସାଂସ୍କୃତିକ ସମ୍ପାଦକ ପ୍ରଶାନ୍ତ କୁମାର ଧଳ, କାର୍ଯ୍ୟକାରୀ ସଦସ୍ୟ ଅମୀର ଚନ୍ଦ୍ର ରାଉତ, ଜାପାନୀ ଜଗଦ୍ଦେବ, ଦୁର୍ଯ୍ୟୋଧନ ନାଏକ, ନବକିଶୋର ମଲ୍ଲିକ, ପବିତ୍ର ବେହେରା, ଅରୁଣ କୁମାର କର ପ୍ରମୁଖ ସ୍ୱର୍ଗତ ଧଳଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଉପସ୍ଥିତ ସମସ୍ତ କର୍ମକର୍ତ୍ତା ସୁବର୍ଣ୍ଣ ଜୟନ୍ତୀ ସ୍ମାରକ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମକୁ ସମ୍ପାଦକ ମନୋଜ କୁମାର ସାହୁ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ, ଭାଷାବିଜ୍ଞାନୀ ଗୋଲକ ବିହାରୀ ଧଳ ଢେଙ୍କାନାଳର ଗଞ୍ଜେଇଡିହ ଗ୍ରାମରେ ୧୯୨୧ ଡିସେମ୍ବର ୧୫ରେ ଜନ୍ମଗ୍ରହଣ କରିଥିଲେ। ସେ ଜଣେ ମେଧାବୀ ଛାତ୍ର ଭାବରେ ତତ୍କାଳୀନ ଜିଲାସ୍କୁଲ ତଥା ଅଧୁନା ବ୍ରଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟରେ ରାଜ୍ୟର ଶ୍ରେଷ୍ଠ ଛାତ୍ର ଗୌରବ ଲାଭ କରିଥିଲେ। ସେ ଓଡ଼ିଆ, ସଂସ୍କୃତ, ହିନ୍ଦୀ ଭାଷାରେ ନିଜର ପାରଦର୍ଶିତା ପ୍ରଦର୍ଶନ କରି ଧ୍ୱନିବିଜ୍ଞାନ ସମେତ ପ୍ରବନ୍ଧସାହିତ୍ୟ, ଭାଷା ଆଲୋଚନା, ଅନୁବାଦ, ଶିଶୁସାହିତ୍ୟ, ଭ୍ରମଣ କାହାଣୀ ଆଦି ବିଭାଗରେ ଅନେକ ପୁସ୍ତକ ରଚନା କରିଥିଲେ।

# ଭାଜପା ପକ୍ଷରୁ କଳା ଦିବସ ପାଳନ



ଅନୁଗୋଳ ଭାଜପା ପକ୍ଷରୁ କଳା ଦିବସ ପାଳନ କରାଯାଉଛି।

**ଅନୁଗୋଳ,୨୫।୬**

ଅନୁଗୋଳ ଜିଲା ଭାଜପା ପକ୍ଷରୁ ଜୁନ୨୫କୁ କଳା ଦିବସ ଭାବେ ପାଳନ କରାଯାଇଛି। ଅନୁଗୋଳ ଜିଲା ଭାଜପା ସଭାପତି ଡିଲେଶ୍ୱର ପ୍ରଧାନଙ୍କ ପୌରୋହିତ୍ୟରେ ଜିଲା ଭାଜପା କାର୍ଯ୍ୟାଳୟରେ ଏହି କଳା ଦିବସ ପାଳନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଓ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ଯୋଗଦେଇ ୧୯୭୫ ଜୁନ ୨୫ରେ ତତ୍କାଳୀନ କଂଗ୍ରେସ ସରକାର ନାଗରିକ ଅଧିକାର କ୍ଷୁଣ୍ଣ କରି ଦେଶରେ ଜରୁରିକାଳୀନ ପରିସ୍ଥିତି ଲାଗୁ କରି ଲକ୍ଷାଧିକ ବ୍ୟକ୍ତିଙ୍କୁ ଗିରଫ କରି ଜେଲରେ ରଖିଥିଲେ, ଯାହାକି ଦେଶରେ ପ୍ରଚଳିତ ଆଇନ ବ୍ୟବସ୍ଥା ପ୍ରତି କୁଠାରଘାତ। ସେଥିପାଇଁ ଭାଜପା ଏହି ଦିବସକୁ କଳା ଦିବସ ଭାବେ ପାଳନ କରୁଛି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ପ୍ରଫେସର ଶାନ୍ତନୁ କୁମାର ସର, ଅନ୍ୟତମ ବକ୍ତା ଭାବେ ଅଧ୍ୟାପକ ବିଶ୍ୱରଞ୍ଜନ ପ୍ରଧାନ, ସାହିତ୍ୟିକ ଅକ୍ଷୟ ପଟ୍ଟନାୟକ, ପୂର୍ବତନ ଅମଲା ସଂଘ ସଭାପତି ପ୍ରଭାସ ସାହୁ ଯୋଗଦେଇ ୧୯୭୫ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଏକଛତ୍ରବାଦ ଶାସନ ଚଳାଇବା ଲକ୍ଷ୍ୟରେ ଜରୁରିକାଳୀନ ପରିସ୍ଥିତି ଦେଶରେ ଲାଗୁ କରିଥିବା କହିଥିଲେ। ଏହି କାର୍ଯ୍ୟକ୍ରମକୁ ଭାଜପା ନେତା ଦିଲୀପ ପ୍ରଧାନ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସାଧାରଣ ସମ୍ପାଦକ ସୁଦୀପ ଗଡନାୟକ, ଜିଲା କୋଷାଧ୍ୟକ୍ଷ ବିଶ୍ୱଜିତ ମିଶ୍ର, ବିଜୟ ମାଝି, ପ୍ରତିମା ମିଶ୍ର, ସୁଚିସ୍ମିତା ତ୍ରିପାଠୀ, ଦୁଃଖବନ୍ଧୁ ସାହୁ, ମିଳାପ ପ୍ରଧାନଙ୍କ ସମେତ ଜିଲା ନେତୃବୃନ୍ଦ ବୁଦ୍ଧିଜୀବୀଙ୍କ ସମେତ ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ।

# ନୂଆ ପଞ୍ଚାୟତ ନିମନ୍ତେ କମିଟି ଗଠନ

**ତାଳଚେର,୨୫।୬ (ମନୋଜ ନନ୍ଦ)**

ଏକ ନୂଆ ପଞ୍ଚାୟତ ଗଠନ ଉଦ୍ଦେଶ୍ୟ ନେଇ ତାଳଚେର ବ୍ଲକ ନୂଆପଡ଼ା ଗ୍ରାମ ରାମେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଦିଘି, ଆନନ୍ଦବଜାର, ବିପିନି କଲୋନୀ, ଗଣପତି ନଗର, ବଙ୍ଗୁ ଓ ନୂଆପଡ଼ା ବାସିନ୍ଦାଙ୍କୁ ନେଇ ଏକ ନୂଆ ପଞ୍ଚାୟତ ଗଠନ ପ୍ରୟାସକୁ କିପରି ସାକାର କରାଯିବ ସେ ନେଇ ଏହି ବୈଠକରେ ଆଲୋଚନା ହୋଇଥିଲା। ଆଗାମୀ ୭ ଦିନ ମଧ୍ୟରେ ସମସ୍ତ ଗ୍ରାମବାସୀଙ୍କ ପାଖକୁ ଯାଇ ନୂତନ ପଞ୍ଚାୟତ ଗଠନ ଉଦ୍ଦେଶ୍ୟ ସମ୍ପର୍କରେ ଜଣାଇବା ପାଇଁ ନିଷ୍ପତ୍ତି ହୋଇଥିଲା। ଆସନ୍ତା ୩୦ ତାରିଖରେ ଏହି ପ୍ରସଙ୍ଗ ନେଇ ଆଉ ଏକ ବୈଠକ କରାଯିବା ପାଇଁ ସ୍ଥିର ହେବା ସହ ଏଥିରେ ବହୁ ସଂଖ୍ୟାରେ ଜନସାଧାରଣ ଯୋଗ ଦେବାକୁ ନିବେଦନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଏକ କମିଟି ଗଠନ କରାଯାଇ ଏହାର ପରିଚାଳନା ନିମନ୍ତେ ୭ଜଣିଆ ସଦସ୍ୟଗଣଙ୍କୁ ମନୋନୀତ କରାଯାଇଥିଲା। ସର୍ବସମ୍ମତି କ୍ରମେ ବିଜୟ କୁମାର ପ୍ରଧାନ, ଅଜୟ କୁମାର ନାୟକ, ରବୀନ୍ଦ୍ର ପୃଷ୍ଟି, ପଞ୍ଚାନନ ସେନାପତି, ସୌଭାଗ୍ୟ ଚନ୍ଦ୍ର ନାୟକ, ଅଜିତ କୁମାର ସାମଲ, ଜ୍ଞାନ ରଞ୍ଜନ ନାୟକ ପ୍ରମୁଖଙ୍କୁ ବିଭିନ୍ନ କାର୍ଯ୍ୟ ପରିଚାଳନା ସକାଶେ ଦାୟିତ୍ୱ ଦିଆଯାଇଥିଲା।


ବୈଠକରେ ସାମିଲ ହୋଇଥିବା ଗ୍ରାମବାସୀ।

# ବିଦ୍ୟୁତ୍ ଡିଭିଜନ କର୍ମଚାରୀଙ୍କ କଳାବ୍ୟାଜ ପରିଧାନ



ବିଦ୍ୟୁତ୍ କର୍ମଚାରୀମାନେ କଳାବ୍ୟାଜ ପରିଧାନ କରିଛନ୍ତି।

**ତାଳଚେର,୨୫।୬ (ମନୋଜ ନନ୍ଦ)**

ବିଦ୍ୟୁତ୍ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ନେଇ ଓଡ଼ିଶା ବିଦ୍ୟୁତ୍ କର୍ମଚାରୀ ମହାସଂଘ ଡାକରାରେ ତାଳଚେର ବିଦ୍ୟୁତ୍ ଡିଭିଜନ ଅନ୍ତର୍ଗତ ସମସ୍ତ କର୍ମଚାରୀ କଳାବ୍ୟାଜ ପରିଧାନ କରି କାର୍ଯ୍ୟ କରୁଛନ୍ତି। ଆସନ୍ତା ୩ ଦିନ ପର୍ଯ୍ୟନ୍ତ କର୍ମଚାରୀମାନେ କଳାବ୍ୟାଜ ପିନ୍ଧିବେ। ୨୮ ତାରିଖ ଠାରୁ ୨୪ ଘଣ୍ଟା ବଦଳରେ କେବଳ ୮ ଘଣ୍ଟ କାର୍ଯ୍ୟ କରାଯିବ ଓ ୩୦ ତାରିଖ ଠାରୁ ସମସ୍ତ କର୍ମଚାରୀ ଛୁଟିରେ ରହିବେ ବୋଲି ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇ ଦିଆଯାଇଛି। କର୍ତ୍ତୃପକ୍ଷ ସମସ୍ୟା ସମାଧାନ ନ କଲେ ଆସନ୍ତା ୧ ଜୁଲାଇଠାରୁ ଡିଭିଜନ କାର୍ଯ୍ୟାଳୟ ସମ୍ମୁଖରେ ସମସ୍ତ କର୍ମଚାରୀ ଧାରଣାରେ ବସିବେ ବୋଲି ସଂଘ ପକ୍ଷରୁ କୁହାଯାଇଛି। କର୍ମଚାରୀଙ୍କ ବେତନ ବୃଦ୍ଧି କରିବା, ଟିପିସିଓଡିଏଲର ଅପରେଶନ ଟ୍ରେନିଂ କର୍ମଚାରୀ ୨୩୦କୁ ଧାର୍ଯ୍ୟ କରିବା, ରେଗୁଲାର କର୍ମଚାରୀଙ୍କ ୱେଜ ରିଭିଜନ କରିବା, ଇପିଏଫ ଟଙ୍କା ଜମା କରିବା, ମନଇଚ୍ଛା ବଦଳି ନ କରିବା, ମିଟର ରିଡର ମାନଙ୍କ ଦକ୍ଷତା ଅନୁଯାୟୀ କାଟାଗୋରିରେ ଅନ୍ତର୍ଭୁକ୍ତ କରିବା, ଓଇଆରସି ଆପ୍ରୁଭାଲ କରିବା ସତ୍ତ୍ୱେ କମ୍ପାନୀ ଗୁରୁତ୍ୱ ନ ଦେବା ଆଦି ଦାବିର ସମାଧାନ ନିମନ୍ତେ ତାଳଚେର ବିଦ୍ୟୁତ୍ ଡିଭିଜନ ସମ୍ପାଦକ ବିକାଶ ସାହୁଙ୍କ ନେତୃତ୍ୱରେ ସମସ୍ତ କର୍ମଚାରୀ କଳାବ୍ୟାଜ ପରିଧାନ କରି ପ୍ରତିବାଦ ଜଣାଇଛନ୍ତି।

# ଲୋକଙ୍କ ସମସ୍ୟା, ଅଭିଯୋଗ ଶୁଣିଲେ ବିଧାୟକ

**ଖମାର,୨୫।୬(ରଜନୀକାନ୍ତ ମହାରଣା)**

ପାଲଲହଡା ବ୍ଲକ ଖମାରସ୍ଥିତ ଜାତୀୟ ରାଜପଥ ଡାକବଙ୍ଗଳାଠାରେ ମଙ୍ଗଳବାର ବିଧାୟକ ଅଶୋକ ମହାନ୍ତି ଲୋକଙ୍କ ଅଭିଯୋଗ ଶୁଣିଛନ୍ତି। ଅଞ୍ଚଳର ରୋହିଲା, ଇଞ୍ଜିଡ଼ି, କୁଞ୍ଜାମ, ମୁଣ୍ଡୁରିବେଡା, ରଜଡ଼ଙ୍ଗ, ଶଙ୍ଖପୁର, ପରାଛାଟ, ଖେମଳା, ବଡସଡ଼ା ଆଦିର ଲୋକେ ଏଥିରେ ଉପସ୍ଥିତ ରହି ସେମାନଙ୍କ ଅଭିଯୋଗ ଓ ସମସ୍ୟା ବିଧାୟକଙ୍କୁ ଜଣାଇଥିଲେ। ଖମାର ଅଞ୍ଚଳର କଳାକାର ସଂଘ ବିଧାୟକଙ୍କୁ ଲିଖିତ ଅଭିଯୋଗ ପ୍ରଦାନ କରିଥିଲା। ରୋହିଲା ପଞ୍ଚାୟତ ସ୍କଟଲାଣ୍ଡପୁର ଗ୍ରାମରେ ପାନୀୟ ଜଳର ଅସୁବିଧା ରହିଥିବା ଗ୍ରାମବାସୀ ବିଧାୟକଙ୍କୁ ଅବଗତ କରିଥିବା ବେଳେ ଶୀଘ୍ର ପଦକ୍ଷେପ ନେବାକୁ ବିଧାୟକ ବିଭାଗୀୟ ଅଧିକାରୀଙ୍କୁ ଫୋନ ଯୋଗେ ନିର୍ଦ୍ଦେଶ ଦେଇଥିଲେ। ଖମାର ସୁଲିଆ ମୌଜା ସଭାପତି ଟୁଟୁନ ଅମ୍ବ, ସମ୍ପାଦକ ଗଣେଶ୍ୱର ସାହୁ ସୁଲିଆ ବଜାରରେ ସ୍ଥାୟୀ ସାପ୍ତାହିକ ହାଟ, ବସ୍‌ଷ୍ଟାଣ୍ଡ, ବଜାର ମଧ୍ୟରେ ଷ୍ଟ୍ରିଟ ଲାଇଟ, କଲ୍ୟାଣମଣ୍ଡପ, ପାର୍କ ନ ଥିବା ଅଭିଯୋଗ କରିଥିଲେ। ବିଭିନ୍ନ ଗ୍ରାମରେ ପାନୀୟ ଜଳ ଓ ରାସ୍ତା ସମସ୍ୟା ଥିବା ନେଇ ଆସିଥିବା ଲୋକେ ବିଧାୟକଙ୍କୁ ଲିଖିତ ଭାବେ ଜଣାଇଥିଲେ। ଏହାବ୍ୟତୀତ କେତେକ ପଞ୍ଚାୟତରେ ନିର୍ବାହୀ ଅଧିକାରୀଙ୍କ ମନମୁଖି କାର୍ଯ୍ୟ ପାଇଁ କୌଣସି କାମ ସୁଚାରୁ ରୂପେ ହେଉ ନ ଥିବା ମଧ୍ୟ ଅଭିଯୋଗ କରାଯାଇଥିଲା। ଏସବୁର ସମାଧାନ କରାଯିବ ବୋଲି ବିଧାୟକ ମହାନ୍ତି ଲୋକମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ।


ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ବିଧାୟକଙ୍କୁ ସ୍ୱାଗତ କରାଯାଉଛି।

# ସାମାଜିକ କର୍ମୀ ଅର୍ଜୁନଙ୍କୁ ସମ୍ବର୍ଦ୍ଧନା



ସାମାଜିକ କର୍ମୀ ଅର୍ଜୁନ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ବଇଣ୍ଡା, ୨୫।୬ (ପରିକ୍ଷିତ ସାହୁ)**

ନୂଆଦିଲ୍ଲୀଠାରେ ରବିବାର ସେଭ ଏନଭାଇରନମେଣ୍ଟ-ସେଭ ଗ୍ଲୋବାଲ ଏବଂ ସିଏଚ୍‌ଆର୍‌ସି ଓଡ଼ିଶା ପକ୍ଷରୁ ଆୟୋଜିତ ଏକାଦଶ ଜାତୀୟ ମାନବ ଅଧିକାର ସମ୍ମିଳନୀରେ ଅନୁଗୋଳ ଜିଲା ଆଠମଲ୍ଲିକ ଅଞ୍ଚଳର ସାମାଜିକ କର୍ମୀ ଅର୍ଜୁନ କୁମାର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ତଥା ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଆଦର୍ଶ କୁମାର ଗୋଏଲ ଯୋଗ ଦେଇ ଅର୍ଜୁନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅର୍ଜୁନ ଆଠମଲ୍ଲିକ ଅଞ୍ଚଳରେ କରୋନା ସମୟରେ ଏବଂ ବିଭିନ୍ନ ସମୟରେ ସାମାଜିକ କାର୍ଯ୍ୟ କରି ବେଶ୍ ପରିଚିତି ହାସଲ କରିଥିବାରୁ ତାଙ୍କୁ ଏହି ସମ୍ମାନ ମିଳିଛି। ଏହି ସମ୍ବର୍ଦ୍ଧନା ସମାଜ ପ୍ରତି ଥିବା କର୍ତ୍ତବ୍ୟ ଓ ଦାୟିତ୍ୱକୁ ଆହୁରି ବଢ଼ାଇଦେଇଛି ବୋଲି ଅର୍ଜୁନ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ରାଜସ୍ୱ ମନ୍ତ୍ରୀଙ୍କୁ ଭେଟିଲା ଟ୍ରକ୍ ମାଲିକ ସଂଘ

**ଅନୁଗୋଳ,୨୫।୬**

ଅନୁଗୋଳ ଗସ୍ତରେ ଆସିଥିବା ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଭେଟିଛନ୍ତି ଅନୁଗୋଳ ଜିଲା ଟ୍ରକ୍ ମାଲିକ ସଂଘ କର୍ମକର୍ତ୍ତା। ଜିଲା ଟ୍ରକ୍ ମାଲିକ ସଂଘ ଉପସଭାପତି ଅମରେଶ ଚନ୍ଦ୍ର ସ୍ୱାଇଁ ଓ କୋଷାଧ୍ୟକ୍ଷ ରଜତ ମହାପାତ୍ରଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ରାଜସ୍ୱ ମନ୍ତ୍ରୀଙ୍କୁ ଦେଖାକରି ସଂଘର ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ସଂଘର ଅଫିସ ପ୍ଲଟ୍‌ର ଲିଜ୍ ପାଇଁ ମନ୍ତ୍ରୀଙ୍କ ସହିତ ଆଲୋଚନା କରିଥିଲେ। ଏହି ଆଲୋଚନା ସମୟରେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଓ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ଉପସ୍ଥିତ ଥିଲେ। ଆଗକୁ ଏହି ସମସ୍ୟାକୁ ନେଇ କାର୍ଯ୍ୟପନ୍ଥା ଗ୍ରହଣ କରିବେ ବୋଲି ମନ୍ତ୍ରି ପ୍ରତିଶ୍ରୁତି ଦେଇଥିଲେ। ଜିଲା ଟ୍ରକ ମାଲିକ ସଂଘ ଉପସଭାପତି ସ୍ୱାଇଁ କହିଛନ୍ତି, ସଂଘର ଅଫିସ ପାଇଁ ସ୍ଥାୟୀ ଜାଗା ଆବଶ୍ୟକ। ରାଜସ୍ୱ ମନ୍ତ୍ରୀ ଜମି ଲିଜ ବ୍ୟବସ୍ଥା କରିବାକୁ ପ୍ରତିଶ୍ରୁତି ଦେଇଥିବାରୁ ତାଙ୍କୁ ସଂଘ ତରଫରୁ ଧନ୍ୟବାଦ ଜଣାଉଛୁ।


ରାଜସ୍ୱ ମନ୍ତ୍ରୀଙ୍କୁ ସାକ୍ଷାତ କରୁଛନ୍ତି ଜିଲା ଟ୍ରକ୍ ମାଲିକ ସଂଘ କର୍ମକର୍ତ୍ତା।

# ଠକେଇ ଅଭିଯୋଗରେ ଦମ୍ପତି ଗିରଫ

**ବଅଁରପାଳ,୨୫।୬ (ସୁବାସ ସାହୁ)**

କମ୍ ଦାମରେ ରାଶନ ସାମଗ୍ରୀ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇ ଠକେଇ କରିଥିବା ଅଭିଯୋଗରେ ବଅଁରପାଳ ବନ୍ଧା ଗ୍ରାମର ବିନୋଦିନୀ ମୁଦୁଲି ଓ ତାଙ୍କ ସ୍ୱାମୀ ଉପେନ୍ଦ୍ର ମୁଦୁଲିଙ୍କୁ ଗିରଫ କରିଛି ବଅଁରପାଳ ପୋଲିସ। ପୋଲିସ କହିଛି, କଟକ ଜିଲା ଗୋବିନ୍ଦପୁର ଗ୍ରାମର ଜଣେ ମହିଳା ବଅଁରପାଳସ୍ଥିତ ଜଗନ୍ନାଥ କ୍ଲିନିକରେ ରହୁଛନ୍ତି। ବନ୍ଧା ଗ୍ରାମର ବିନୋଦିନୀଙ୍କ ସହିତ ତାଙ୍କର ପରିଚୟ ହୋଇଥିଲା। ୩ ଲକ୍ଷ ୫୦ ହଜାର ଟଙ୍କା ଦେଲେ କମ୍ ଦାମରେ ରାଶନ ସାମଗ୍ରୀ ଯୋଗାଇ ଦେବେ ବୋଲି ଅଭିଯୋଗକାରୀ ମହିଳାଙ୍କୁ ବିନୋଦିନୀ ପ୍ରଲୋଭନ ଦେଖାଇଥିଲେ। ତାଙ୍କ ପ୍ରଲୋଭନରେ ପଡି ଅଭିଯୋଗକାରିଣୀ ମହିଳା ବିନୋଦିନୀଙ୍କୁ ଗତ ନଭେମ୍ବର ୩୦ରେ ଏକ ଆକାଉଣ୍ଟ ମାଧ୍ୟମରେ ଟଙ୍କା ଦେଇଥିଲେ। ହେଲେ ରାଶନ ସାମଗ୍ରୀ ନ ମିଳିବାରୁ ଅଭିଯୋଗକାରୀ ମହିଳା ବିନୋଦିନୀଙ୍କୁ ଟଙ୍କା ଫେରସ୍ତ ପାଇଁ କହିଥିଲେ। ଟଙ୍କା ଫେରସ୍ତ ମାଗିବାରୁ ବିନୋଦିନୀଙ୍କ ସ୍ୱାମୀ ଉପେନ୍ଦ୍ର ମୁଦୁଲି ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ପୂର୍ବରୁ ଏପରି ଠକେଇ ଅଭିଯୋଗରେ ବିନୋଦିନୀ ଜେଲ ଯାଇଥିବା ପୋଲିସ କହିଛି। ପୋଲିସ ଘଟଣାର ତଦନ୍ତ କରି ବିନୋଦିନୀ ଓ ତାଙ୍କ ସାମୀ ଉପେନ୍ଦ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।


ଗିରଫ ଦମ୍ପତି ବିନୋଦିନୀ ଓ ଉପେନ୍ଦ୍ର।

# ମା'ଙ୍କ ନାମରେ ବୃକ୍ଷଟିଏ କାର୍ଯ୍ୟକ୍ରମ

**ଛେଣ୍ଡିପଦା,୨୫।୬ (ଅଜିତ ଧଳ)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ପ୍ରଶାସନ ପକ୍ଷରୁ ଛେଣ୍ଡିପଦା ଜଗନ୍ନାଥ ମନ୍ଦିର ପରିସରରେ ମା'ଙ୍କ ନାମରେ ବୃକ୍ଷଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛେଣ୍ଡିପଦା ବିଡିଓ ତ୍ରିବିକ୍ରମ କୁମୁରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ଅଗସ୍ତି ବେହେରା, ବ୍ଲକ ଅଧ୍ୟକ୍ଷା ସୁମିତ୍ରା ସାହୁ, ଛେଣ୍ଡିପଦା ସରପଞ୍ଚ ସୁଦୀପ୍ତ ପ୍ରଧାନ ପ୍ରମୁଖ ଯୋଗଦେଇ ଏହି ଚାରା ରୋପଣ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେବା ସହିତ ସମସ୍ତଙ୍କୁ ୫ଟି ଲେଖାଏଁ ଚାରା ରୋପଣ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହାପରେ ବିଧାୟକ ମନ୍ଦିର ପରିସରରେ ଚାରା ରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ରଞ୍ଜନ କୁମାର ସେଠୀ, ବନାଞ୍ଚଳ ଅଧିକାରୀ ଶୁଭ୍ରାସୁଚିସ୍ମିତା ମହାପାତ୍ର, ମିଶନ ଶକ୍ତି ସଂଯୋଜକ ପ୍ରମୋଦ ବେହେରା, ସଂଯୋଜକ ସୁବ୍ରତ କୁମାର ସାହୁ, ସଞ୍ଜୟ କୁମାର ସାହୁ, ହିରଣ୍ମୟୀ ପ୍ରଧାନ, ପଞ୍ଚାନନ ସାହୁଙ୍କ ସମେତ ବିଭିନ୍ନ ପଞ୍ଚାୟତର ବହୁ ଏମ୍‌ବିକେ, ପ୍ରାଣୀମିତ୍ର, କୃଷିମିତ୍ର, ସିଆରପି ଯୋଗ ଦେଇଥିଲେ।



ବିଧାୟକ ଚାରା ରୋପଣ କରୁଛନ୍ତି।

# ସେନାବାହିନୀ ଭାରତ ପାଇଁ ଗର୍ବ

**ବଇଣ୍ଡା, ୨୫।୬ (ପରିକ୍ଷିତ ସାହୁ)**

ଭାରତୀୟ ସେନାବାହିନୀ ଦେଶର ଗର୍ବ। ସେମାନଙ୍କ ପାଇଁ ଦେଶ ସୁରକ୍ଷିତ ଅଛି। କିଶୋରନଗର ବ୍ଲକ ବଇଣ୍ଡା କଲ୍ୟାଣମଣ୍ଡପ ନିକଟରେ ପଞ୍ଚାଧାରା ପୂର୍ବତନ ସେନା କର୍ମଚାରୀ ସଂଘର ଉଦ୍‌ଘାଟନ ସମାରୋହରେ ଯୋଗ ଦେଇଥିବା ଅତିଥିମାନେ ଏହା କହିଛନ୍ତି। ପ୍ରଫୁଲ୍ଲ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନ ସମାରୋହରେ ମୁଖ୍ୟ ଅତିଥି ଭାବରେ ଆଠମଲ୍ଲିକ ଉପଜିଲାପାଳ ଜିତେନ୍ଦ୍ର କୁମାର ପାତ୍ର ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ଭାବେ ନୁନୁକାପଶି ସରପଞ୍ଚ ଦୀପ୍ତିମୟୀ ସାହୁ, ପୂର୍ବତନ ସେନା କର୍ମଚାରୀ ପ୍ରମୋଦ କୁମାର ପ୍ରଧାନ ଯୋଗ ଦେଇଥିଲେ । ଏହି ସଂଘ ଜରିଆରେ କିଭଳି ଆଠମଲ୍ଲିକ ଉପଖଣ୍ଡର ବିକାଶ ହେବ ସେ ନେଇ ଆଲୋଚନା କରାଯାଇଥିଲା। ଆଗାମୀ ଦିନରେ ଲୋକଙ୍କ ସମସ୍ୟା ଉପରେ ଏହି ସଂଘ ଅଧିକ ଗୁରୁତ୍ୱ ଦେବ ବୋଲି ପୂର୍ବତନ ସେନା କର୍ମଚାରୀମାନେ ମତ ପ୍ରକାଶ କରିଥିଲେ। ଭାରତ-ପାକିସ୍ତାନ ଯୁଦ୍ଧରେ ଭାଗ ନେଇଥିବା ଠାକୁରଗଡ଼ ଅଞ୍ଚଳର ଅବସରପ୍ରାପ୍ତ ସେନା କର୍ମଚାରୀ ଦୁଃଖବନ୍ଧୁ ନାୟକଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସୁକାନ୍ତ ରଣା ପରିଚାଳନା କରିଥିବା ବେଳେ ପ୍ରଶାନ୍ତ କୁମାର ସାହୁ, ଲକ୍ଷ୍ମୀଧର ବେହେରା, ସନତ କୁମାର ପ୍ରଧାନ, ପବିତ୍ର ମୋହନ ଥାଟି, ରଜତ କୁମାର ସାହୁ, ପ୍ରେମାନନ୍ଦ ରାଉଳ, ଶଙ୍କର୍ଷଣ ସାହୁ, ଯଶୋବନ୍ତ ସାହୁ, ବୈଷ୍ଣବ କୁମାର ପ୍ରଧାନ, ଅଶୋକ କୁମାର ପ୍ରଧାନ ସହଯୋଗ କରିଥିଲେ।


ପୂର୍ବତନ ସେନା କର୍ମଚାରୀ ସଂଘର ଉଦ୍‌ଘାଟନ ସମାରୋହ।

